# ଫିଲୀମୋନଙ୍କ ପ୍ରତି ପତ୍ର

ଖ୍ରୀଷ୍ଟଯୀଶୁଙ୍କ ପାଇଁ ବନ୍ଦୀ ହୋଇଥିବା ପାଉଲ ଓ ଆମ୍ଭର
ଭାଇ ତୀମଥିଙ୍କଠାରୁ 2ଆମ୍ଭର ପ୍ରିୟ ମିତ୍ର ଓ ସହକର୍ମୀ
ଫିଲୀମୋନ, ଆମ୍ଭର ଭଉଣୀ ଆପ୍ପିୟା, ସାଥି ସୈନିକ ଆର୍ଖିପ୍ପ
ଓ ତୁମ୍ଭ ଘରଠାରେ ଏକତ୍ରୀତ ହେଉଥିବା ଉପାସନା ମଣ୍ଡଳୀକୁ
ପତ୍ର ଲେଖୁଛୁ।
3ଆମ୍ଭର ପରମପିତା ପରମେଶ୍ୱର ଓ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କଠାରେ
ତୁମ୍ଭକୁ ଅନୁଗ୍ରହ ଓ ଶାନ୍ତି ମିଳୁ।

## ଫିଲୀମୋନଙ୍କ ପ୍ରେମ ଓ ବିଶ୍ୱାସ

4ମୋ ପ୍ରାର୍ଥନାମାନଙ୍କରେ ମୁଁ ତୁମ୍ଭକୁ ସ୍ମରଣ କରେ। ତୁମ୍ଭ
ପାଇଁ ସର୍ବଦା ମୁଁ ପରମେଶ୍ୱରଙ୍କୁ ଧନ୍ୟବାଦ ଦିଏ। 5ପରମେଶ୍ୱରଙ୍କ
ସମସ୍ତ ପବିତ୍ରଲୋକମାନଙ୍କ ପ୍ରତି ତୁମ୍ଭର ପ୍ରେମ ଓ ପ୍ରଭୁ
ଯୀଶୁଙ୍କଠାରେ ତୁମ୍ଭର ବିଶ୍ୱାସ ବିଷୟରେ ମୁଁ ଶୁଣିଛି ଓ ମୁଁ
ତୁମ୍ଭର ସେହି ପ୍ରେମ ଓ ବିଶ୍ୱାସ ପାଇଁ ପରମେଶ୍ୱରଙ୍କୁ
ଧନ୍ୟବାଦ ଜଣାଉଛି।
6ଖ୍ରୀଷ୍ଟଙ୍କଠାରେ ଥିବା ଆମ୍ଭର ସମସ୍ତ ଭଲ କଥାଗୁଡିକ
ବୁଝିପାରିବା ପାଇଁ ତୁମ୍ଭର ବିଶ୍ୱାସର ସହଭାଗିତା ତୁମ୍ଭକୁ
ସାହାଯ୍ୟ କରିବ ବୋଲି ମୁଁ ପ୍ରାର୍ଥନା କରେ। 7ହେ ଭାଇ
ପରମେଶ୍ୱରଙ୍କ ଲୋକମାନଙ୍କ ପ୍ରତି ତୁମ୍ଭେ ପ୍ରେମଭାବ ଦେଖାଇଛ,
ସେମାନଙ୍କୁ ତୁମ୍ଭେ ଖୁସି କରିଛ। ଏହା ମୋତେ ବହୁତ
ଆନନ୍ଦ ଓ ଆଶ୍ୱାସନା ଦେଲା।

## ଅନୀସିମକୁ ଭାଇ ଭଳି ସ୍ୱୀକାର କର

8କେତେଗୁଡିଏ କଥା ତୁମ୍ଭର କରିବା ଉଚିତ। ଖ୍ରୀଷ୍ଟରେ
ଭାଇ ହିସାବରେ ସତ୍‌କାର୍ଯ୍ୟ କରିବା ନିମନ୍ତେ ତୁମ୍ଭକୁ ଆଦେଶ
ଦେବାର ମୋର ଅଧିକାର ଅଛି। 9କିନ୍ତୁ ମୁଁ ତୁମ୍ଭକୁ ପ୍ରେମରେ
ନିବେଦନ କରିବାକୁ ଇଚ୍ଛା କରେ। ମୁଁ ପାଉଲ, ବୁଢ଼ାହୋଇ
ଗଲିଣି ଓ ଖ୍ରୀଷ୍ଟଯୀଶୁଙ୍କ ପାଇଁ ବନ୍ଦୀ ହୋଇଛି। 10ମୁଁ ତୁମ୍ଭକୁ
ଅନୀସିମ ପାଇଁ ନିବେଦନ କରୁଛି। ମୁଁ ବନ୍ଦୀ ଗୃହରେ
ଥିଲାବେଳେ ସେ ମୋର ସନ୍ତାନ ହୋଇଥିଲା। 11ଅତୀତରେ
ସେ ତୁମ୍ଭ ପାଇଁ ଅଦରକାରୀ ଥିଲା। କିନ୍ତୁ ଏବେ ସେ ମୋ'
ଓ ତୁମ୍ଭ ଦୁହିଁଙ୍କ ପାଇଁ ବଡ଼ ଉପଯୋଗୀ ଅଟେ। 12ମୁଁ
ତାହାକୁ ତୁମ୍ଭ ପାଖକୁ ଫେରାଇ ଦେଉଛି। ତା ସହିତ ମୋର
ହୃଦୟ ମଧ୍ୟ ବନ୍ଧା ହୋଇଛି। 13ମୁଁ ବନ୍ଦୀ ଗୃହରେ ଥିବା
ସମୟରେ ମୋତେ ସୁସମାଚାର ପାଇଁ ସାହାଯ୍ୟ କରିବ ବୋଲି
ତାହାକୁ ମୋ ସହିତ ରଖିବାକୁ ଚାହୁଁଥିଲି। ମୋତେ ସାହାଯ୍ୟ
କରିବା ଦ୍ୱାରା ସେ ତୁମ୍ଭର ସେବା କରିଥାଆନ୍ତା। 14କିନ୍ତୁ
ତୁମ୍ଭମାନଙ୍କୁ ପ୍ରଥମେ ନ ପଚାରି ମୁଁ କିଛି କରିବା ପାଇଁ ଇଚ୍ଛା
କଲି ନାହିଁ। ତୁମ୍ଭର କୌଣସି ଭଲ କାମ ନିଜ ଇଚ୍ଛାରେ
ହେଉ, ମୋର ବାଧ ବାଧକତାରେ ନ ହେଉ ବୋଲି ମୁଁ
ଚାହେଁ।
15ଅନୀସିମ* କ୍ଷଣିକ ପାଇଁ ତୁମ୍ଭଠାରୁ ଅଲଗା ଥିଲା।
ଏହା ଏପରି ଘଟିଥାଇପାରେ ଯଦ୍ଦ୍ୱାରା ତୁମ୍ଭେ ତାହାକୁ ସବୁଦିନ
ପାଇଁ ପୁନଃ ପ୍ରାପ୍ତ ହୋଇ ପାରିବ। 16ଦାସ ହେବା ପାଇଁ
ନୁହେଁ, ବରଂ ଦାସଠାରୁ ବଳି ଏକ ପ୍ରିୟ ଭାଇ ଭଳି। ମୁଁ
ତାହାକୁ ବହୁତ ଭଲ ପାଏ। କିନ୍ତୁ ତୁମ୍ଭେ ଆହୁରି ଅଧିକ
ଭଲ ପାଇବ। ତୁମ୍ଭେ ତାହାକୁ ଜଣେ ମଣିଷ ଓ ପ୍ରଭୁଙ୍କଠାରେ
ଜଣେ ଭାଇ ଭଳି ଭଲ ପାଇବ। 17ଯଦି ତୁମ୍ଭେ ମୋତେ
ମିତ୍ର ବୋଲି ଗ୍ରହଣ କରୁଛ, ତା'ହେଲେ ଅନୀସିମଙ୍କୁ ପୁନର୍ବାର
ଗ୍ରହଣ କର। ମୋତେ ଯେପରି ସ୍ୱାଗତ କରିଥାନ୍ତ, ସେପରି
ତାହାକୁ ସ୍ୱାଗତ କର। 18ଯଦି ଅନୀସିମ ତୁମ୍ଭ ପ୍ରତି କିଛି
ଭୁଲ କରିଛି ବା ତା'ର ତୁମ୍ଭକୁ କିଛି ଦେବାକୁ ଅଛି ତେବେ
ତାହା ମୋ ଖାତାରେ ପକାଇ ଦିଅ। 19ମୁଁ ପାଉଲ, ଏହି
କଥା ମୋ ହାତରେ ଲେଖୁଛି। ଅନୀସିମର ଯଦି ତୁମ୍ଭକୁ କିଛି
ଦେବାକୁ ଅଛି, ମୁଁ ତାହା ତୁମ୍ଭକୁ ଫେରାଇଦେବି। ନିଜ
ଜୀବନ ପାଇଁ ତୁମ୍ଭେ ଯେ ମୋ'ଠାରେ କେତେ ଋଣୀ, ସେ
ସଂପର୍କରେ ମୁଁ କିଛି କହିବି ନାହିଁ। 20ତେଣୁ ହେ ମୋର
ଭାଇ! ପ୍ରଭୁଙ୍କଠାରେ ତୁମ୍ଭେ ମୋ ପାଇଁ କିଛି ଆବଶ୍ୟକୀୟ
ବିଷୟ କର ବୋଲି, ମୁଁ କୁହେ। ଖ୍ରୀଷ୍ଟଙ୍କଠାରେ ମୋ
ହୃଦୟକୁ ଆଶ୍ୱାସନା ଦିଅ। 21ମୁଁ ଯାହା କହିଛି, ସେଗୁଡ଼ିକ
କରିବ ବୋଲି ଜାଣି ମୁଁ ଏହି ଚିଠି ଲେଖୁଛି। ମୁଁ ଜାଣେ ଯେ
ମୁଁ ଯେତିକି କହେ, ତୁମ୍ଭେ ତା'ଠାରୁ ଅଧିକ କରିବ। 22ମୋ
ରହିବା ପାଇଁ ଗୋଟିଏ ବଖରା ମଧ୍ୟ ପ୍ରସ୍ତୁତ କର। ମୁଁ ଆଶା
କରେ ଯେ ପରମେଶ୍ୱର ତୁମ୍ଭ ପ୍ରାର୍ଥନା ଶୁଣିବେ ଓ ମୁଁ ତୁମ୍ଭ
ପାଖକୁ ଯିବାକୁ ସମର୍ଥ ହୋଇ ପାରିବ।

## ଶେଷ ଅଭିନନ୍ଦନ

23ଖ୍ରୀଷ୍ଟ ଯୀଶୁଙ୍କ ପାଇଁ ଏପାଫ୍ରା ହେଉଛନ୍ତି ମୋର
ସହବନ୍ଦୀ। ସେ ତୁମ୍ଭକୁ ନମସ୍କାର ଜଣାଉଛନ୍ତି। 24ମାର୍କ,
ଆରିସ୍ତାର୍ଖ, ଦୀମା ଓ ଲୂକ ଏମାନେ ମଧ୍ୟ ତୁମ୍ଭକୁ ନମସ୍କାର
ଜଣାଉଛନ୍ତି। 25ଆମ୍ଭମାନଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହ
ତୁମ୍ଭମାନଙ୍କର ଆତ୍ମା ସହିତ ରହିଥାଉ।

---

**ଅନୀସିମ** ଅନୀସିମର ଅର୍ଥ "ଉପଯୋଗୀ"